# NATIONAL NEWS BULLETIN (ODIA)

**18 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରୟାଗରାଜ ମହାକୁମ୍ଭ ଦେଶର ଭାବନାକୁ ପ୍ରତିଫଳିତ କରିବା ସହ ସମଗ୍ର ବିଶ୍ୱ ପାଇଁ ସାକ୍ଷୀ ପାଲଟିଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ

- ନାଗପୁର ହିଂସାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ପ୍ରତିଶ୍ରୁତି

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ ପାଇଁ କୃତଜ୍ଞତା ଜଣାଇଲେ ଆମେରିକାର ରାଷ୍ଟ୍ରୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗବାର୍ଡ୍

- ନୂଆଦିଲ୍ଲୀରେ ଆଜି ମୁଖ୍ୟ ନିର୍ବାଚନ କମିଶନର ଭୋଟର ପରିଚୟପତ୍ର ଓ ଆଧାର ସଂଯୋଗୀକରଣ ନେଇ କରିବେ ଆଲୋଚନା

ଏବଂ

- ପେରୁ ରାଜଧାନୀ ଲିମାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା

---

## ଏଲ୍ଏସ୍-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୟାଗରାଜ ମହାକୁମ୍ଭ ଦେଶର ଭାବନାକୁ ପ୍ରତିଫଳିତ କରିବା ସହ ସମଗ୍ର ବିଶ୍ୱ ପାଇଁ ସାକ୍ଷୀ ପାଲଟିଛି ବୋଲି କହିଛନ୍ତି । ଆଜି ଲୋକସଭାରେ ଏ ସଂପର୍କିତ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିବିଧତା ମଧ୍ୟରେ ଏକତା ହେଉଛି

ଭାରତର ଏକ ବିଶେଷତ୍ୱ, ଯାହା ମହାକୁମ୍ଭ ସମୟରେ ଅନୁଭୂତ ହୋଇଥିଲା ।

**V/O (Mahakumbha)**

ମହାକୁମ୍ଭ ପ୍ରସଙ୍ଗରେ ଶ୍ରୀ ମୋଦୀ କହିଛନ୍ତି ଯେତେବେଳେ ସମଗ୍ର ବିଶ୍ୱ ଆହ୍ୱାନପୂର୍ଣ୍ଣ ସମୟ ଦେଇ ଗତି କରୁଛି, ସେତେବେଳେ ଭାରତ ଏକତାର ଭବ୍ୟ ପ୍ରଦର୍ଶନ କରିବା ସବୁଠାରୁ ବଡ଼ ଶକ୍ତି ଭାବେ ବିବେଚିତ ହୋଇଛି । ପ୍ରଧାନମନ୍ତ୍ରୀ ବିବିଧତା ମଧ୍ୟରେ ଏକତାର ଏହି ବିଶେଷତ୍ୱକୁ ସମୃଦ୍ଧ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି :

**V/O -2**

ପ୍ରଧାନମନ୍ତ୍ରୀ ଜଳ ସଂରକ୍ଷଣର ଗୁରୁତ୍ୱ ଉପରେ କହିଛନ୍ତି, ଭାରତରେ ଅନେକ ଗୁଡ଼ିଏ ନଦୀ ଥିଲେ ମଧ୍ୟ ସେଥିମଧ୍ୟରୁ କେତେକ ନଦୀ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ମହାକୁମ୍ଭରୁ ପ୍ରେରଣା ନେଇ ନଦୀ ଉତ୍ସବର ସଂପ୍ରସାରଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ନୂଆପିଢ଼ିକୁ ଜଳ ସଂରକ୍ଷଣର ଗୁରୁତ୍ୱ ସଂପର୍କରେ ଶିକ୍ଷା ଦିଆଯିବାର ଆବଶ୍ୟକତା ରହିଛି ।

**V/O -(Nadi Utsav)**

ଲୋକସଭାରେ ପ୍ରଧାନମନ୍ତ୍ରୀ ପ୍ରୟାଗରାଜ ମହାକୁମ୍ଭର ସଫଳତାରେ ଯୋଗଦାନ କରିଥିବା ଲୋକମାନଙ୍କୁ ପ୍ରଶଂସା କରି କହିଛନ୍ତି, ଏହି ଐତିହାସିକ ଘଟଣା ଦେଶବାସୀଙ୍କୁ ପ୍ରେରଣା ଯୋଗାଇଛି, କାରଣ ଲୋକମାନେ ହିଁ ଏହାର ସଫଳ ନେତୃତ୍ୱ ନେଇଛନ୍ତି ।

---

## ପ୍ରହ୍ଲାଦ ଯୋଶୀ–ନାଗପୁର ଭାଓଲେନ୍ସ

ନାଗପୁର ହିଂସାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ମହାରାଷ୍ଟ୍ର ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଆଜି ସଂସଦ ବାହାରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ଶ୍ରୀ ଯୋଶୀ କହିଛନ୍ତି, ରାଜ୍ୟ ସରକାର ଦକ୍ଷତାର ସହ ପରିସ୍ଥିତିର ମୁକାବିଲା କରିଛନ୍ତି ।

ଏହି ଘଟଣାରେ ବିରୋଧୀଦଳ ଗୁଡ଼ିକର ଷଡ଼ଯନ୍ତ୍ର ରହିଛି ବୋଲି ଥାନେର ଶିବସେନା ସାଂସଦ ନରେଶ ମହାସ୍କେ କହିଛନ୍ତି । ରାଜ୍ୟ ବାହାରର ଲୋକମାନେ ଏହି ହିଂସା ପ୍ରସାର କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ସେ ଅଭିଯୋଗ କରିଛନ୍ତି ।

ଇତିମଧ୍ୟରେ କଂଗ୍ରେସ ସାଂସଦ ପ୍ରମୋଦ ତିଓ୍ୱାରୀ, ଗଣମାଧ୍ୟମକୁ କହିଛନ୍ତି ନାଗପୁରରେ ଶାନ୍ତି ବଜାୟ ରହିବା ଆବଶ୍ୟକ ଏବଂ ଦୋଷୀକୁ ଦଣ୍ଡ ମିଳିବାଉଚିତ । ଅନ୍ୟପକ୍ଷରେ ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଅଭିଯୋଗ କରିଛନ୍ତି ଯେ ନୂଆ ସରକାର ଆସିବା ପରେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଛି ।

---

## ତୁଳସୀ-ରାଇସିନା ଡାଏଲଗ୍

ଆମେରିକାର ରାଷ୍ଟ୍ରୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗବାଡ଼ ଭାରତ ଗସ୍ତ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ ପାଇଁ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି, ତାଙ୍କ ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ଗଠନମୂଳକ ଆଲୋଚନା ହୋଇଛି । ଆଜି ରାଇସିନା କଥାବାର୍ତ୍ତାରେ ନିଜ ଅଭିଭାଷଣରେ ସେ କହିଛନ୍ତି, ଗତମାସରେ ଓ୍ୱାଶିଂଟନ୍ ଡି.ସି.ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କ ଦ୍ୱାରା ଦିଆଯାଇଥିବା ମିଳିତ ବିବୃତିକୁ ସାକାର ରୂପ ଦେବା ଲାଗି କିଛିଦିନ ହେଲା ଉଭୟ ଦେଶ ମଧ୍ୟରେ ଗଠନମୂଳକ ଆଲୋଚନା ହୋଇଛି ।

## ନାସା ରିଟର୍ଣ୍ଣ

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୯ ମାସରୁ ଅଧିକ ସମୟ ଅଟକି ରହିଥିବା ଭାରତୀୟ-ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲୋର୍ ପୃଥିବୀ ପୃଷ୍ଠକୁ ଆଜି ଫେରିବା ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା-ନାସା ପକ୍ଷରୁ କୁହାଯାଇଛି । ଏହି ଦୁଇ ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ବାହାରି ପୃଥିବୀକୁ ଆଜି ଭାରତୀୟ ସମୟ ଅନୁସାରେ ପୂର୍ବାହ୍ନ ୧୦ଟା ୩୫ ମିନିଟ୍‌ରେ ଯାତ୍ରା ଆରମ୍ଭ କରିଛନ୍ତି । ୧୭ ଘଣ୍ଟା ଯାତ୍ରା କରି ଆସନ୍ତାକାଲି ଭୋର୍ ୩ଟା ୨୭ ମିନିଟ୍‌ରେ ଆମେରିକାର ଫ୍ଲୋରିଡା ସମୁଦ୍ର ଉପକୂଳରେ ଅବତରଣ କରିବେ ବୋଲି ନାସା ପକ୍ଷରୁ କୁହାଯାଇଛି । ଅନ୍ୟ ଦୁଇଜଣ ମହାକାଶଚାରୀ ନିକ୍ ହେଗ୍ ଏବଂ ଆଲେକ୍‌ଜାଣ୍ଡାର ଗୋରୁଭୁନୋଭ୍ ମଧ୍ୟ ସେମାନଙ୍କ ସହ ପୃଥିବୀପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି । ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଟେଲିଭିଜନ, ନାସାର ଅଫିସିଆଲ୍ ୱେବ୍‌ସାଇଟ୍, ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ ।

## ସିଇସି –ଭୋଟର ଆଇଡି ଆଧାର

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଆଜି ଅପରାହ୍ନରେ ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ୟୁଆଇଡିଏଆଇର ମୁଖ୍ୟ

ପରିଚାଳନା  ଅଧିକାରୀଙ୍କ ସହ ବୈଠକ କରିବେ । ବୈଠକରେ ଭୋଟର ପରିଚୟପତ୍ର ସହ ଆଧାର ପରିଚୟ ନମ୍ବର ସଂଯୋଗୀକରଣ କରିବା ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

ଭାରତରେ ଅନେକଦିନ ଧରି ଚାଲୁଥିବା ନିର୍ବାଚନୀ ଆହ୍ୱାନର ମୁକାବିଲା ପାଇଁ ନିର୍ବାଚନ ଆୟୋଗ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଆସନ୍ତା ୩ ମାସ ମଧ୍ୟରେ ନକଲୀ ଭୋଟର ପରିଚୟପତ୍ର ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ବୈଠକରେ ଆଲୋଚନା ହେବ । ଏଥିରେ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟ ମାନଙ୍କୁ ସେମାନଙ୍କ ଭୂମିକା ସଂପର୍କରେ ପ୍ରଶିକ୍ଷଣ ଦିଆଯିବା ବିଷୟରେ ଆଜିର ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଏହା ବ୍ୟତୀତ ମତଦାନ କେନ୍ଦ୍ରଗୁଡ଼ିକରେ ଯେପରି ଭବିଷ୍ୟତରେ ୧ ହଜାର ୨୦୦ରୁ ଅଧିକ ଭୋଟର ରହିବେ ନାହିଁ, ସେ ସଂପର୍କରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

# ପିଏମ୍-ସୋସିଆଲ୍ ପ୍ଲାଟ୍‌ଫର୍ମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଯୋଗ ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଗଣମାଧ୍ୟମକୁ ଅଧିକ ବ୍ୟବହାର କରିଥାନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଟ୍ରୁଥ୍ ସୋସିଆଲ୍ ପ୍ଲାଟ୍‌ଫର୍ମରେ ଅଂଶିଦାର ଥିବା ସମସ୍ତଙ୍କ ସହ ମତବିନିମୟ କରିବାକୁ ସେ ଆଗ୍ରହୀ । ତାଙ୍କ ପୋଡ୍‌କାଷ୍ଟ

ସାକ୍ଷାତକାର ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ୍‌ରେ ସେୟାର୍ କରିଥିବାରୁ ଶ୍ରୀ ମୋଦୀ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସୂଚନା ଯୋଗ୍ୟ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ତାଙ୍କ ଟ୍ରୁଥ୍ ସୋସିଆଲ୍ ପ୍ଲାଟ୍‌ଫର୍ମରେ ଲେକ୍ସ ଫ୍ରିଡମ୍ୟାନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପୋଡ୍‌କାଷ୍ଟ ସାକ୍ଷାତକାର ପୋଷ୍ଟ କରିଥିଲେ ।

---

## ଜୟଶଙ୍କର-ରାଇସିନା ଡାଏଲଗ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏକ ନିରପେକ୍ଷ ଏବଂ ଦୃଢ଼ ଆନ୍ତର୍ଜାତିକ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀରେ ରାଇସିନା କଥାବାର୍ତ୍ତାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଏକ ଦୃଢ଼ ବିଶ୍ୱ ବ୍ୟବସ୍ଥାର ଅନୁପସ୍ଥିତି କେବଳ ଶକ୍ତିଶାଳୀ ଦେଶମାନଙ୍କ ପାଇଁ ଲାଭଦାୟକ ନୁହେଁ, ବରଂ କ୍ଷୁଦ୍ର ରାଷ୍ଟ୍ରମାନଙ୍କୁ ବିପଦ ଗୁଡ଼ିକର ସମ୍ମୁଖୀନ ହେବା ପାଇଁ ସୁଦୃଢ଼ କରିଥାଏ । ଡକ୍ଟର ଜୟଶଙ୍କର କାଶ୍ମୀରରେ ପାକିସ୍ତାନର ବେଆଇନ ଦଖଲକୁ ନେଇ ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ପ୍ରସଙ୍ଗରେ ସେ ଜାତିସଂଘର ପରିଚାଳନା ବ୍ୟବସ୍ଥାକୁ ସମାଲୋଚନା କରିବା ସହ ବ୍ରିଟେନ୍, କାନାଡା ଏବଂ ଆମେରିକା ଭଳି ଦେଶର ଭୂମିକା ଉପରେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ସେଇସବୁ ଦେଶଗୁଡ଼ିକ ପାକିସ୍ତାନର ଆକ୍ରମଣକୁ ନିନ୍ଦା କରିବା ପରିବର୍ତ୍ତେ ଏହାକୁ ଏକ ବିବାଦ ଭାବେ ଉପସ୍ଥାପନ କରିଥିଲେ ।

ମିଆଁମାର ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକରେ ସାମରିକ ବିଦ୍ରୋହ ପ୍ରତି ବିଶ୍ୱର ବିଭିନ୍ନ ଦେଶର ପ୍ରତିକ୍ରିୟା ଉପରେ ଡକ୍ଟର ଜୟଶଙ୍କର କହିଛନ୍ତି, ଏଭଳି ସମୟରେ ବିଶ୍ୱସ୍ତରୀୟ ମାନଦଣ୍ଡରେ ନିରପେକ୍ଷତାର ଆବଶ୍ୟକତା

ରହିଛି । ଏହି ଅଧିବେଶନରେ ସେ ବିଗତ ୮ ଦଶନ୍ଧି ମଧ୍ୟରେ ବିଶ୍ୱ ବ୍ୟବସ୍ଥାର ସମୀକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି ।

## ପେରୁ-ଡିକ୍ଲାୟର୍ସ ଏମର୍ଜେନ୍ସି

ପେରୁର ରାଷ୍ଟ୍ରପତି ଦିନା ବୁଲୁଓ୍ୱାଟେ ରାଜଧାନୀ ଲିମାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ଗତକାଲି ସେ ଏହା ଘୋଷଣା କରିଥିବା ଜଣାପଡ଼ିଛି । ୩୯ ବର୍ଷୀୟ ପ୍ରସିଦ୍ଧ ଗାୟକ ପଲ୍ ଫ୍ଲୋର୍ସଙ୍କୁ ହତ୍ୟାକରାଯିବା ପରେ ଦେଶବ୍ୟାପୀ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଗତ ରବିବାର ଦିନ ସକାଳେ ଲିମାରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ପରେ ପଲ୍ ଫ୍ଲୋର୍ସ ଏବଂ ତାଙ୍କ ସାଥୀମାନେ ଏକ ବସ୍‌ରେ ଆସୁଥିବା ବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ତାଙ୍କ ବିୟୋଗ ନେଇ ରାଜଧାନୀ ଲୀମା ସମେତ ପେରୁର ବିଭିନ୍ନ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି ।

ରାଷ୍ଟ୍ରପତି ଦିନା ବୁଲଓ୍ୱାଟେଙ୍କ ସରକାର ଏକ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରିଛନ୍ତି ଯେ ଜରୁରୀକାଳୀନ ପରିସ୍ଥିତି ଆସନ୍ତା ୩୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ସେହି ସମୟ ମଧ୍ୟରେ ଲୋକମାନଙ୍କ ଏକତ୍ରିତ ହେବା ଓ ମୁକ୍ତ ଭାବେ ଗମନାଗମନ କରିବା ଭଳି ଅଧିକାର ଉପରେ ପ୍ରତିବନ୍ଧକ ଜାରି କରାଯାଇଛି । ଏହାଛଡ଼ା ପୋଲିସ୍ ଓ ସେନା ନ୍ୟାୟିକ ଆଦେଶ ନ ଥାଇ ମଧ୍ୟ ଯେକୌଣସି ଲୋକଙ୍କୁ ଅଟକ ରଖିପାରିବେ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି ।

ସୂଚନାଯୋଗ୍ୟ, ଗତ ଶନିବାର ଦିନ ଲିମାରେ ଏକ ଭୋଜନାଳୟରେ ବିସ୍ଫୋରଣ ଘଟି ୧୧ ଜଣ ଆହତ ହୋଇଥିଲେ ।